OPPO Reno7 5G
DIPPRO ANGL | 2023.09.01 19:04

ପ୍ରେସ୍ ନୋଟ୍

# ଅନୁଗୋଳରେ ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ।

ଅନୁଗୋଳ, ତା, ୦୧.୯:- ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରିତିମୟଙ୍କ ଅଧ୍ୟକ୍ଷତାରେ ଅନୁଗୋଳରେ ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ପୂଜା କମିଟିର ସଭାପତି,ସମ୍ପାଦକ ଓ ସଦସ୍ୟମାନଂକୁ ସ୍ୱାଗତ ଜଣାଇବା ସହ ପୂର୍ବ ବର୍ଷର ବିବରଣୀ ପାଠ କରିବା ସହ ତଦନୁଯାୟୀ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରିଥିଲେ । ଚଳିତ ମାସ ୧୯ ତାରିଖରୁ ପୂଜା ଆରମ୍ଭ ହୋଇ ୨୭ ତାରିଖରେ ବିସର୍ଜନ ଉତ୍ସବ ପାଳନ କରାଯିବ । ପୂର୍ବ ବର୍ଷ ୧୪ଗୋଟି ମେଢ ହୋଇଥିବା ବେଳେ ଏ ବର୍ଷ ଏହା ବଢି ୨୨ ଗୋଟି ମେଢରେ ପହଞ୍ଚିଛି । ଏହି ପୂଜା ମଣ୍ଡପଗୁଡିକରେ ଶାନ୍ତି ଶୃଙ୍ଖଳା, ଆଇନ୍ ଶୃଙ୍ଖଳା ବ୍ୟବସ୍ଥା,ଟ୍ରାଫିକ୍ ନିୟନ୍ତ୍ରଣ, ତୋରଣ ନିର୍ମାଣ, ରାସ୍ତା ମରାମତି, ବିଦ୍ୟୁତ୍ ଯୋଗାଣ, ପରିମଳ ବ୍ୟବସ୍ଥା ଏବଂ ଶେଷରେ ଭସାଣି ଉତ୍ସବ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଗଲା । ବିଘ୍ନ ବିନାଶନଙ୍କ ପୂଜାକୁ ଜନସାଧରଣ ଆନନ୍ଦ ଉଲ୍ଲାସର ସହ ଉପଭୋଗ କରିବା ପାଇଁ ଏବଂ ପ୍ରତ୍ୟେକ ପୂଜାମଣ୍ଡପରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପ୍ରତ୍ୟେକ ପୂଜାମଣ୍ଡପ ତରଫରୁ ୧୦ ଜଣ ଲେଖାଏଁ ସ୍ୱେଚ୍ଛାସେବୀ ନିୟୋଜିତ କରିବେ । ଭସାଣି ଦିନ ସେଣ୍ଟ୍ରାଲ ପୂଜା କମିଟିର ସଦସ୍ୟମାନଂକ ଦ୍ୱାରା ନିର୍ଦ୍ଧାରିତ ନିୟମାନୁଯାୟୀ ମେଢଗୁଡିକର ସ୍ଥିରିକୃତ ମାର୍ଗ ଦେଇ ସଠିକ୍ ସମୟରେ ବିସର୍ଜନ ସ୍ଥଳରେ ପହଞ୍ଚିବେ । ଏ ସମ୍ପର୍କରେ ସେଣ୍ଟ୍ରାଲ ପୂଜା କମିଟି ଥାନା ଆଇ ଆଇ ସିଙ୍କ ସହିତ ପୁନଃର୍ବାର ଆଲୋଚନା କରି ବିସର୍ଜନ ସମ୍ପର୍କିତ ବିଭିନ୍ନ ନିୟମଗୁଡିକ ସ୍ଥିରିକୃତ କରିବେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବରନ୍ୟେନ୍ଦୁ ମହାନ୍ତି, ସବଡିଭିଜନାଲ ପୋଲିସ ଅଫିସର ଶ୍ରୀ ରମାକାନ୍ତ ମହାଲିକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଡେପୁଟୀ କଲେକ୍ଟର ମଧୁସ୍ମିତା ବିଶି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


ANGUL
OPPO Reno7 5G
DIPRO ANGL | 2023.09.01 17:23

